Printed at :
Bijayanti Enterprises, Cuttack

2025020427

OUAT Publication
No. 2025020427

କୃଷକ ଉତ୍ପାଦକ ସଂଗଠନର ପରିଚାଳନା : ସମସ୍ୟା ଓ ସମାଧାନ

ବିଷୟବସ୍ତୁ
ଶ୍ରୀମତୀ ସୋନୀତା ରାଣୀ ସେଠୀ
ବିଷୟବସ୍ତୁ ବିଶେଷଜ୍ଞ (କୃଷି ସଂପ୍ରସାରଣ)
ସମ୍ପାଦନ
ଡ. ଦେବାଶିଷ ମିଶ୍ର
ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ



କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୋଳ
KRISHI VIGYAN KENDRA, ANGUL
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ODISHA UNIVERSITY OF AGRICULTURE & TECHNOLOGY

କୃଷକ ଉତ୍ପାଦକ ସଂଗଠନର ପରିଚାଳନା :
ସମସ୍ୟା ଓ ସମାଧାନ

ବିଷୟବସ୍ତୁ

ଶ୍ରୀମତୀ ସୋନୀତା ରାଣୀ ସେଠୀ

ବିଷୟବସ୍ତୁ ବିଶେଷଜ୍ଞ (କୃଷି ସଂପ୍ରସାରଣ)

ସମ୍ପାଦନ

ଡ. ଦେବାଶିଷ ମିଶ୍ର

ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ

କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୋଳ

KRISHI VIGYAN KENDRA, ANGUL

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

ODISHA UNIVERSITY OF AGRICULTURE & TECHNOLOGY

ଉପସ୍ଥାପନା :
ଶ୍ରୀମତୀ ସୋନିତା ରାଣୀ ସେଠୀ
ବିଷୟବସ୍ତୁ ବିଶେଷଜ୍ଞ
କୃଷି ସଂପ୍ରସାରଣ

ସମ୍ପାଦନା :
ଡ. ଦେବାଶିଷ ମିଶ୍ର
ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ

ପ୍ରକାଶକ :
କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୋଳ

ପ୍ରଥମ ପ୍ରକାଶ :
ଫେବୃଆରୀ, ୨୦୨୫

ମୁଦ୍ରଣ :
ବିଜୟନ୍ତୀ ଏଣ୍ଟରପ୍ରାଇଜେସ୍
କଟକ



Mrs. Sonita Rani Sethy
Subject Matter Specialist
Agricultural Extension

Edited By :
Dr. Debasis Mishra
Sr. Scientist & Head
Krishi Vigyan Kendra, Angul

Published By :
Krishi Vigyan Kendra, Angul

First Edition :
February, 2025

Printed By :
Bijayanti Enterprises, Cuttack

କୃଷକ ଉତ୍ପାଦକ ସଂଘ (ଏଫ୍‌ପିଓ)

ଉପକ୍ରମ

କୃଷି ଓ ଆନୁସଙ୍ଗିକ କ୍ଷେତ୍ର ଆମ ଦେଶ ଅର୍ଥନୀତିର ମେରୁଦଣ୍ଡ । କୃଷିର ସର୍ବାଙ୍ଗୀନ ଉନ୍ନତି ହିଁ ଦେଶର ଉନ୍ନତି । ପରିବର୍ତ୍ତିତ ଜଳବାୟୁ, ପ୍ରାକୃତିକ ବିପର୍ଯ୍ୟୟ ଓ ସାମାଜିକ କ୍ରମବିକାଶ ସହ ତାଳ ଦେଇ କୃଷିକ୍ଷେତ୍ର ଓ ଆବଶ୍ୟକତାରେ ମଧ୍ୟ ବୈପ୍ଳବିକ ପରିବର୍ତ୍ତନ ଆସିଛି । ବୈଜ୍ଞାନିକ ଜ୍ଞାନ କୌଶଳ, ଆଧୁନିକ ଯନ୍ତ୍ରପାତି ଓ ସରକାରଙ୍କର ଉନ୍ନତିମୂଳକ କୃଷିଯୋଜନା ଆପଣେଇ କୃଷକ ତା'ର କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ ଉତ୍ପାଦନ ବଢ଼ାଇବାରେ ସକ୍ଷମ ହୋଇଛି । ତେବେ ଏହି ଉତ୍ପାଦନର ଉଚିତ୍ ବଜାର ମୂଲ୍ୟ ଆଜି ମଧ୍ୟ ଉତ୍ପାଦନକାରୀଙ୍କୁ ମିଳି ପାରୁ ନାହିଁ । ଅକ୍ଳାନ୍ତ ପରିଶ୍ରମ କରି ଋଷୀ ଉତ୍ପାଦନ କରିଥାଏ ଓ ଏହାର ପ୍ରକୃତ ମୂଲ୍ୟ ନ ପାଇ ହତାଶ ହୋଇଥାଏ । ଅଧିକାଂଶ ଋଷୀ ତାଙ୍କର ଉତ୍ପାଦକୁ ଖୁବ୍ କମ୍ ମୂଲ୍ୟରେ ଖୁଚୁରା ବ୍ୟବସାୟୀ ବା ପାଇକାରୀମାନଙ୍କୁ ବିକ୍ରୟ କରିଥାନ୍ତି ଯାହାକି ଖାଉଟିଙ୍କୁ ପାଇକାରୀମାନେ ଅଧିକ ମୂଲ୍ୟରେ ବିକ୍ରି କରିଥାନ୍ତି । ଏହି ପ୍ରକ୍ରିୟାରେ ଋଷୀ ତାଙ୍କ ଉତ୍ପାଦନର ବହୁତ କମ୍ ମୂଲ୍ୟ ପାଇଥାନ୍ତି ଓ ଖୁଚୁରା ବ୍ୟବସାୟୀ ଏହାର ଫାଇଦା ନେଇଥାନ୍ତି । ଏହି ବଜାର ସମସ୍ୟାର ସମାଧାନ ନିମନ୍ତେ କୃଷକ ଉତ୍ପାଦକ ସଂଗଠନ ହେଉଛି ଏକ ଅଭିନବ ବିକଳ୍ପ । କୃଷକ ଉତ୍ପାଦକ ସଂଗଠନ (ଏଫ୍‌ପିଓ) ଦ୍ୱାରା କୃଷକମାନେ ସୁଲଭ ଦରରେ କୃଷି ଦ୍ରବ୍ୟ ବା ଇନ୍‌ପୁଟ୍ ପାଇବା ସହିତ ଉତ୍ପାଦର ଉଚିତ୍ ବଜାର ମୂଲ୍ୟ ପାଇପାରିବେ । ଏହାଦ୍ୱାରା ଉତ୍ପାଦନ ଖର୍ଚ୍ଚ କମିବା ସହିତ ଲାଭ ଅଧିକ ହୋଇଥାଏ ଓ କୃଷି ଉଦ୍ୟୋଗୀକରଣର ସୁଯୋଗ ରହିଥାଏ ।

କୃଷକ ଉତ୍ପାଦକ ସଂଘ (ଏଫ୍‌ପିଓ) :

କୃଷକ ଉତ୍ପାଦକ ସଂଘ ହେଉଛି ଏକ କୃଷକ ସମୁଦାୟ, ଯେଉଁମାନେ ଏକ ଉତ୍ପାଦକତା ବା ଉତ୍ପାଦକ ସଂଗଠନର ପ୍ରାଥମିକ ଉତ୍ପାଦକ । ଏହା କମ୍ପାନୀ ଆଇନ୍‌ର ଭାଗ ଆଇ-ଏକ୍ସ-ଏ ଅବା ସଂପୃକ୍ତ ରାଜ୍ୟର ସମବାୟ ସମିତି ଅଧିନିୟମ ଅଧିନରେ ଗଠିତ ତଥା ପଞ୍ଜୀକୃତ କୃଷକ ଉତ୍ପାଦକ ସଂଘ ହୋଇପାରେ, ଯାହାର ଉଦ୍ଦେଶ୍ୟ ହେଉଛି କୃଷି ଏବଂ ଆନୁସଙ୍ଗିକ କ୍ଷେତ୍ରରେ ଉତ୍ପାଦନ ଏବଂ ବିପଣନ କ୍ଷେତ୍ରରେ ମିଳିତ ଯୋଗଦାନ ଦେବା ।

କୃଷି ଉତ୍ପାଦନର ଏକତ୍ରୀକରଣ, ମୂଲ୍ୟ ସଂଯୋଗ ଏବଂ ପ୍ରତ୍ୟକ୍ଷ ବିପଣନକୁ ଆଗକୁ ବଢ଼ାଇବା ଏଫ୍‌ପିଓର ଲକ୍ଷ୍ୟ । ସ୍ଥାନୀୟ ଉତ୍ପାଦ ଗୁଡ଼ିକୁ ନେଇ ଏକ ଏଗ୍ରି ଭାଲ୍ୟୁ ଚେନ୍ ତିଆରି କରିବା ପାଇଁ କୃଷକମାନଙ୍କର ମିଳିତ ସାମର୍ଥ୍ୟକୁ ଏହା କାର୍ଯ୍ୟରେ ଲଗାଇଥାଏ । କ୍ଷୁଦ୍ର ଓ ନାମମାତ୍ର ଚାଷୀମାନେ ଯେପରି ସେମାନଙ୍କ ସାମଗ୍ରୀରେ ସର୍ବୋଚ୍ଚ ମୂଲ୍ୟକୁ ହୃଦୟଙ୍ଗମ କରିବେ ସେଥିପାଇଁ ଏହା କାର୍ଯ୍ୟ କରିଥାଏ ।

ଏକ କୃଷକ ଉତ୍ପାଦକ ସଂଘ (ଏଫ୍‌ପିଓ) ନିମ୍ନଲିଖିତ ଆଇନମୂଳକ ବ୍ୟବସ୍ଥା ମଧ୍ୟରୁ ଯେକୌଣସି ଅଧିନରେ ପଞ୍ଜୀକରଣ ହୋଇପାରିବ ।

୧। ସଂପୃକ୍ତ ରାଜ୍ୟର ସମବାୟ ସମିତି ଆଇନ ଅବା ଅଟୋନୋମସ୍/ ମ୍ୟୁଚୁଆଲି ଏଡେଡ୍ କୋପରେଟିଭ୍ ସୋସାଇଟିଜ୍ ଆକ୍ଟ – ଓଡ଼ିଶା ସମବାୟ ସମିତି ଅଧିନିୟମ, ୧୯୬୨ ।

୨। ବହୁ-ରାଜ୍ୟ ସମବାୟ ସମିତି ଆଇନ, ୨୦୦୨ ।

୩। ୨୦୧୩ରେ ସଂଶୋଧିତ ଭାରତୀୟ କମ୍ପାନିଜ୍ ଆକ୍ଟ, ୧୯୫୬ର ଧାରା ୫୮୧(ସି) ଅଧିନ ଉତ୍ପାଦନ କମ୍ପାନୀ ।

୪। ୨୦୧୩ରେ ଧାରା ୮ ଭାବେ ସଂଶୋଧିତ ଭାରତୀୟ କମ୍ପାନିଜ୍ ଆକ୍ଟ- ୧୯୫୬ର ସେକ୍ସନ୍ ୨୫ କମ୍ପାନୀ ।

୫। ସୋସାଇଟି ରେଜିସ୍ଟ୍ରେସନ୍ ଆକ୍ଟ, ୧୮୬୦ ଅଧିନରେ ପଞ୍ଜୀକୃତ ସମିତି ।

୬। ଇଣ୍ଡିଆନ୍ ଟ୍ରଷ୍ଟସ୍ ଆକ୍ଟ, ୧୮୮୨ ଅଧିନରେ ପଞ୍ଜୀକୃତ ସାର୍ବଜନିକ ଟ୍ରଷ୍ଟ ।

ଏଫ୍‌ପିଓ ସଂରଚନା / ଗଠନ :

ଏଫ୍‌ପିଓ ହେଉଛି ଏକ ସଂଗଠନ, ଯାହାକି ଏକାଧିକ ଚାଷୀଙ୍କୁ ଏକତ୍ର କରି ଗଠିତ ହୋଇଥାଏ । ଗ୍ରାମୀଣ ସ୍ତରରେ ୧୫-୨୦ଜଣ ଚାଷୀଙ୍କୁ ନେଇ ଏକ ଉତ୍ପାଦକ ସଂଘ ବା ଚାଷୀ ହିତ ଗ୍ରୁପ୍ (FIG)‚ଗଠନ କରାଯାଏ । ଏହି ଚାଷୀ ହିତ ଗ୍ରୁପ୍ (FIG) ଅବା ସ୍ୱୟଂ ସହାୟକ ଗୋଷ୍ଠୀ (SHG) ଗୁଡ଼ିକ ସଂଘବଦ୍ଧ ହୋଇଥାନ୍ତି । ନାବାର୍ଡ଼ ପକ୍ଷରୁ ନିର୍ଦ୍ଧାରିତ ନିୟମ ଅନୁସାରେ, ଏକ ଏଫ୍‌ପିଓ ପ୍ରାୟ ୫୦ଟି ଉତ୍ପାଦକ ସଂଘ ବା ଚାଷୀ ହିତ ଗ୍ରୁପ୍ (FIG)କୁ ନେଇ ଗଠିତ ହେବା ଉଚିତ୍ । ଗୋଟିଏ ଏଫ୍‌ପିଓରେ ହାରାହାରି ୫୦୦-୧୦୦୦ ସଦସ୍ୟ ରହିବା ଦରକାର । ସର୍ବନିମ୍ନ ସଦସ୍ୟ ସଂଖ୍ୟା ଉତ୍ପାଦକ ସଂଘର ଆଗତ ଫର୍ମ ଉପରେ ନିର୍ଭର କରେ (ଉଦାହରଣ : ୨୦୧୩ କମ୍ପାନିଜ୍ ଆକ୍ଟ ଅଧିନରେ ଏକ ଉତ୍ପାଦକ କମ୍ପାନୀ ପଞ୍ଜୀକରଣ କରିବା ପାଇଁ ଅନ୍ୟୁନ ୧୦ଟି ପ୍ରାଥମିକ ଉତ୍ପାଦକ ଲୋଡ଼ା) ।

ଏଫ୍‌ପିଓର ପ୍ରକାରଣ :

ଏଫ୍‌ପିଓର ନିମ୍ନଲିଖିତ ପ୍ରକାର ରହିଛି ।

ଉତ୍ପାଦକ କମ୍ପାନୀ

ସମବାୟ ସମିତି

କୃଷକ ଉତ୍ପାଦକ କମ୍ପାନୀ ବନାମ ସମବାୟ ସମିତି :

ଏକ ଉତ୍ପାଦକ ସମବାୟ ସଂସ୍ଥା ଏବଂ ଉତ୍ପାଦକ କମ୍ପାନୀ ମଧ୍ୟରେ ପ୍ରମୁଖ ପ୍ରଭେଦ ।

ବୈଶିଷ୍ଟ୍ୟ	ଉତ୍ପାଦକ ସମବାୟ ସଂସ୍ଥା	ଉତ୍ପାଦକ କମ୍ପାନୀ
ପଞ୍ଜିକରଣ	ସମବାୟ ସମିତି ଆଇନ ୧୯୫୯ ।	କମ୍ପାନୀ ଆଇନ ୧୯୫୬ ।
କାର୍ଯ୍ୟକ୍ଷେତ୍ର	ରାଜ୍ୟ ମଧ୍ୟରେ କ୍ଲଷ୍ଟର, ତହସିଲ୍ ଏବଂ ଜିଲ୍ଲା ମଧ୍ୟରେ ସୀମିତ ।	ସମଗ୍ର ଦେଶ ।
ସଦସ୍ୟତା	ବ୍ୟକ୍ତି ବିଶେଷଙ୍କ ପାଇଁ ଖୋଲା । ଅନ୍ୟ ସମବାୟ ସଂସ୍ଥା ଏବଂ ସମିତି ମଧ୍ୟ ସଦସ୍ୟ ହୋଇ ପାରିବେ ।	ଯେକୌଣସି ବ୍ୟକ୍ତିଗତ ଉତ୍ପାଦକ, ସାମଗ୍ରୀ ଏବଂ ସେବା ସହ ଜଡ଼ିତ ଉତ୍ପାଦକ ଗ୍ରୁପ୍ ତଥା ସଂଘ ସଦସ୍ୟ ହୋଇ ପାରିବେ ।
ସେୟାର୍ ଟ୍ରେଡିଂ ତଥା ଟ୍ରାନ୍ସଫର୍	ଟ୍ରାନ୍ସଫର୍ ବା ଟ୍ରେଡିଂ ଯୋଗ୍ୟ ନୁହେଁ ।	ବୋର୍ଡ଼ରୁ ପ୍ରାକ୍ ମଞ୍ଜୁରି ଉପରେ ଏହାର ଟ୍ରାନ୍ସଫର୍ ନିର୍ଭର କରେ । ସମମଲ୍ୟରେ ଏହା ସକ୍ରିୟ ସଦସ୍ୟଙ୍କୁ ଟ୍ରାନ୍ସଫର୍ କରିହେବ ।
ରେଜିଷ୍ଟରିଂ ଅଥରିଟିର ଭୂମିକା	ରେଜିଷ୍ଟରିଂ ଅଥରିଟିଙ୍କର ଉଲ୍ଲେଖନୀୟ ନ୍ୟୁନ ପ୍ରଶାସନିକ ନିୟନ୍ତ୍ରଣ ସମବାୟ ବିଭାଗର ଅଧିକ ନିୟନ୍ତ୍ରଣ ରହିଥାଏ ।	ବୋର୍ଡ଼ରୁ ଦ୍ୱାରା ସର୍ବାଧିକ ନିୟନ୍ତ୍ରଣ । ରେଜିଷ୍ଟ୍ରାର ଅଫ୍ କମ୍ପାନିଜ୍ ଦ୍ୱାର ସର୍ବନିମ୍ନ ନିୟନ୍ତ୍ରିତ ।
ବରୋଇଁ ପାୱାର	ବାଇଲଜ୍‌ରେ ସୀମିତ ସାଧାରଣ ବୈଠକର ନିର୍ଦ୍ଦିଷ୍ଟ ରିଜୋଲ୍ୟୁସନ୍ ଦ୍ୱାରା ବରୋଇଁ ପାୱାର ଧାର୍ଯ୍ୟ କରାଯାଏ ।	ଏହାକୁ ବଢ଼ାଇବା ପାଇଁ କମ୍ପାନୀ ଗୁଡ଼ିକ ନିକଟରେ ଅଧିକ କ୍ଷମତା ରହିଛି ।

କୃଷକ ଉତ୍ପାଦକ କମ୍ପାନୀ :

କୃଷକ ଉତ୍ପାଦକ କମ୍ପାନୀ ହେଉଛି ଏକ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ଏବଂ ସମବାୟ ସମିତି ମଧ୍ୟରେ ଏକ ହାଇବ୍ରିଡ୍ ସଂସ୍ଥା ତେଣୁ ଏହା ଏକ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀର ପେସାଦାର ପରିଚାଳନା ଲାଭ ପାଇଥାଏ । ତା' ସହିତି ସମବାୟ ସମିତିର ପାରସ୍ପରିକ ଫାଇଦା ପାଇଥାଏ ।

ଏକ ଉତ୍ପାଦକ କମ୍ପାନୀର ମାଲିକାନା ଏବଂ ସଦସ୍ୟତା କେବଳ ପ୍ରାଥମିକ ଉତ୍ପାଦକ ତଥା ଉତ୍ପାଦକ ସଂସ୍ଥା ପାଖରେ ରହିଥାଏ । ସଦସ୍ୟଙ୍କ ଇକ୍ୱିଟିର ଟ୍ରେଡିଂ ହୋଇପାରେ ନାହିଁ । ତେଣୁ କୌଣସି ବ୍ୟକ୍ତି ତଥା ସଂସ୍ଥା କମ୍ପାନୀକୁ ଅଧିଗ୍ରହଣ କରିପାରିବେ ନାହିଁ ଅବା ପ୍ରାଥମିକ ଉତ୍ପାଦକଙ୍କ ସେମାନଙ୍କ ସଂସ୍ଥାରୁ ହଟାଇପାରିବେ ନାହିଁ ।

ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀଗୁଡ଼ିକ ପାଇଁ ଉଦ୍ଦିଷ୍ଟ ଧାରା ଉତ୍ପାଦକ କମ୍ପାନୀ ପାଇଁ ପ୍ରଯୁଜ୍ୟ ହେବ । ଉତ୍ପାଦକ କମ୍ପାନୀ ଅଧିନିୟମରେ ୫୮୧ଏ ରୁ ୫୮୧ ହେଡ୍ ଏଲ୍‌ରେ ଉଲ୍ଲିଖିତ ଧାରା ବ୍ୟତୀତ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀଗୁଡ଼ିକର ଧାରା ଉତ୍ପାଦକ କମ୍ପାନୀ ପାଇଁ ପ୍ରଯୁଜ୍ୟ ହେବ, ଯାହା ଏହାକୁ ଏକ ସାଧାରଣ ଘରୋଇ ତଥା ଲିମିଟେଡ୍ କମ୍ପାନୀଠାରୁ ଭିନ୍ନ କରିଥାଏ ।

ଏକ ଏଫ୍‌ପିଓ ପାଇଁ କୌଣସି ପେଡ୍-ଅପ୍ କ୍ୟାପିଟାଲ୍ ନାହିଁ ଏଣୁ ଏହି କ୍ଷୁଦ୍ର ପୁଞ୍ଜିକୁ ଗତିଶୀଳ କରି ଏକ ଉତ୍ପାଦକ କମ୍ପାନୀ ଆରମ୍ଭ କରିବା ସହଜ ।

ଏକ ଏଫ୍‌ପିସି ଗଠନ କରିବା ପାଇଁ ଅନ୍ୟୂନ ୧୦ଟି ଉତ୍ପାଦକ ଲୋଡ଼ା ସର୍ବାଧିକ ସଦସ୍ୟ ସଂଖ୍ୟା ପାଇଁ କୌଣସି ସୀମା ନାହିଁ । ଆବଶ୍ୟକତା ଅନୁସାରେ ସଦସ୍ୟ ସଂଖ୍ୟା ବଢ଼ାଯାଇପାରିବ ।

ଏକ ଏଫ୍‌ପିସିର କାରବାର କ୍ଷେତ୍ର ସମଗ୍ର ଦେଶ ପରିବ୍ୟାପ୍ତ । ଏଣୁ ଏମାନେ ସମଗ୍ର ଦେଶରେ ଖୋଲା ଖୋଲି ଭାବେ ବ୍ୟବସାୟ ବଢ଼ାଇ ପାରିବେ ।

ଏକ ଏଫ୍‌ପିଓ ଦ୍ୱାରା ପ୍ରଦାନ କରାଯାଉଥିବା ସେବା :

ଏକ ଏଫ୍‌ପିଓ ଦ୍ୱାରା ବିଭିନ୍ନ ପ୍ରକାର ସେବା ଯୋଗାଇ ଦିଆଯାଇଥାଏ ଏହି ସେବା ଗୁଡ଼ିକ ମଧ୍ୟରେ ରହିଛି ଆର୍ଥିକ, ବ୍ୟବସାୟିକ ଏବଂ କଲ୍ୟାଣମୂଳକ ସେବା । ଏଫପିଓ ଦ୍ୱାରା ପ୍ରଦାନ କରାଯାଉଥିବା ସେବାଗୁଡ଼ିକ ହେଉଛି :

୧ । **ଆର୍ଥିକ ସେବା :** ଏକ ଏଫ୍‌ପିଓ ରହିଁଲେ ଫସଲ ପାଇଁ ଋଣ ଦେବା ସହିତ ଟ୍ରାକ୍ଟର, ପମ୍ପସେଟ୍ କ୍ରୟ, କୂପ ନିର୍ମାଣ, ପାଇପ୍ ଲାଇନ୍ ବିଛାଇବା ଇତ୍ୟାଦି କାମ ପାଇଁ ଋଣ ଦେଇ ପାରିବ ।

୨ । **ଇନ୍‌ପୁଟ୍ ଯୋଗାଣ ସେବା :** ଏକ ଏଫ୍‌ପିଓ ଏହାର ସଦସ୍ୟ ଚାଷୀଙ୍କୁ କମ୍ ମୂଲ୍ୟରେ ଉନ୍ନତମାନର ବିହନ, ସାର, କୀଟନାଶକ, ପମ୍ପସେଟ୍ ଓ ଅନ୍ୟାନ୍ୟ କୃଷି ଉପକରଣ ପ୍ରଦାନ କରିପାରେ । ଏଫ୍‌ପିଓ ଗୁଡ଼ିକ ବିହନ, ସାର, କୀଟନାଶକ ଆଦି ଅତ୍ୟାବଶ୍ୟକ ଉତ୍ପାଦ ବିପୁଳ ଆକାରରେ କିଣି ଏହାକୁ ନିଜର ରିଟେଲ୍ ଆଉଟ୍‌ଲେଟ୍ ଜରିଆରେ ବିକ୍ରି କରିଥାନ୍ତି । ଚାଷୀଙ୍କ ଖର୍ଚ୍ଚ କମାଇବା ପାଇଁ ଏଫ୍‌ପିସିମାନେ ବଜାର ମୂଲ୍ୟରୁ କମ୍‌ରେ ଏସବୁ ସାମଗ୍ରୀ ଯୋଗାଇଥାନ୍ତି ।

୩ । **ସଂଗ୍ରହ ଏବଂ ପ୍ୟାକେଜିଂ ସେବା :** ଏଫ୍‌ପିଓ ଏହାର ସଦସ୍ୟ ଚାଷୀଙ୍କଠାରୁ କୃଷିଦ୍ରବ୍ୟ ସଂଗ୍ରହ କରିଥାନ୍ତି ଓ ଏହି ସାମଗ୍ରୀର ମୂଲ୍ୟ ସଂଯୋଗ ଏବଂ ପ୍ୟାକେଜିଂ ଆଦି ସେବା ପ୍ରଦାନ କରିଥାନ୍ତି ।

୪ । **ଆଉଟ୍‌ପୁଟ୍ ମାର୍କେଟିଂ ସେବା :** ସାମଗ୍ରୀ ସଂଗ୍ରହ ପରେ ଏଫ୍‌ପିଓ ଗୁଡ଼ିକ ସମାଗ୍ରୀର ପ୍ରତ୍ୟକ୍ଷ ବିପଣନ କରିପାରିବେ । ଚାଷୀଙ୍କଠାରୁ ଉତ୍ପାଦ ସଂଗ୍ରହ କରି ବଡ଼ ବଡ଼ ବ୍ୟବସାୟୀ ଏବଂ କମ୍ପାନୀଗୁଡ଼ିକୁ ଏହାକୁ ଉଚିତ୍ ଦରରେ ବିକ୍ରି କରିବା କ୍ଷେତ୍ରରେ ଏଫ୍‌ପିଓ କାମ କରିଥାଏ । ଦ୍ରବ୍ୟର ମୂଲ୍ୟ ସଂଯୋଗ, ପ୍ରକ୍ରିୟାକରଣ ଏବଂ ବ୍ରାଣ୍ଡିଂ କରି ଏଫ୍‌ପିଓ ସେମାନଙ୍କ ସମ୍ପ୍ରସାରଣ କରିପାରିବେ ।

୫ । **କଷ୍ଟମ୍ ହାୟାରିଂ ସେ[ର (CHC) :** କଷ୍ଟମ ହାୟାରିଂ ସେଣ୍ଟର (ସିଏଚ୍‌ସି) ହେଉଛି ଏକ ୟୁନିଟ୍, ଯାହା ଚାଷୀମାନଙ୍କୁ ଭଡ଼ା ସୂତ୍ରରେ କୃଷି ଯନ୍ତ୍ରପାତି ଓ କୃଷି ଉପକରଣ ଯୋଗାଇଥାଏ । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, କ୍ଷୁଦ୍ର, ନାମମାତ୍ର ଚାଷୀଙ୍କୁ ରିହାତି ମୂଲ୍ୟରେ ଭଡ଼ା ସୂତ୍ରରେ କୃଷି ଉପକରଣ ଯୋଗାଇବା ।

୬ । **ବୀମା ସେବା :** ଏଫ୍‌ପିଓ ଏହାର ଚାଷୀ ସଦସ୍ୟଙ୍କୁ ବୀମା ସେବା ମଧ୍ୟ ପ୍ରଦାନ କରିପାରିବ । ଏଥିରେ ଫସଲ ବୀମା, ଜୀବନ ବୀମା, ଇଲେକ୍ଟ୍ରିକ୍ ମୋଟର ବୀମା ଅନ୍ତର୍ଭୁକ୍ତ ।

୭ । **ବୈଷୟିକ ସେବା :** ଏଫ୍‌ପିଓ ଗୁଡ଼ିକ କୃଷିକାର୍ଯ୍ୟର ସର୍ବୋତ୍ତମ ଉପାୟକୁ ତ୍ୱରାନ୍ୱିତ କରିପାରିବେ । ମାର୍କେଟିଂ ଇନ୍‌ଫର୍ମେସନ ସିଷ୍ଟମକୁ ରକ୍ଷଣାବେକ୍ଷଣ କରିପାରିବେ ।

କୃଷି ଉତ୍ପାଦନ ଏବଂ ଅମଳ ପରବର୍ତ୍ତୀ ପ୍ରକ୍ରିୟାକରଣରେ ଆବଶ୍ୟକ ଦକ୍ଷତା ସ୍ତରକୁ ବଢ଼ାଇପାରିବେ ।

୮। **ନେଟ୍‌ୱର୍କିଂ ସେବା :** ଏଫ୍‌ପିଓ ଗୁଡ଼ିକ ସୂଚନାର ବିଭିନ୍ନ ଚ୍ୟାନେଲ୍ ତିଆରି କରିପାରିବେ ।

ଉଦାହରଣ : ଗ୍ରାମୀଣ ଉତ୍ପାଦକଙ୍କ ନିକଟରେ ଅନ୍ୟାନ୍ୟ ବ୍ୟବସାୟିକ ସେବା ପହଞ୍ଚାଇବା, ଆର୍ଥିକ ପ୍ରତିଷ୍ଠାନଗୁଡ଼ିକ ସହ ସଂଯୋଗ ବଢ଼ାଇବା, ଉତ୍ପାଦକ-ପ୍ରୋସେସର-ଟ୍ରେଡ୍‌ର ଏବଂ ଖାଉଟିଙ୍କ ମଧ୍ୟରେ ସଂଯୋଗ ବଢ଼ାଇବା, ସରକାରୀ ସ୍କିମ୍ ଗୁଡ଼ିକ ସହ ଲିଙ୍କେଜ୍ ତିଆରି କରିବା ଏହାର ପରିସରଭୁକ୍ତ ।

ନିର୍ଦ୍ଦେଶକ ମଣ୍ଡଳୀ (ବିଓଡି) :

ନିର୍ଦ୍ଦେଶକ ମଣ୍ଡଳୀ କମ୍ପାନୀର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟନିର୍ବାହୀ ସଭା । ପ୍ରତ୍ୟେକ କମ୍ପାନୀର ଏକ ନିର୍ଦ୍ଦେଶକ ମଣ୍ଡଳ ରହିବା ଆବଶ୍ୟକ। ଏଓଏ (ଆର୍ଟିକିଲ୍ସ ଅଫ୍ ଆସୋସିଏସନ୍)ରେ ହସ୍ତାକ୍ଷର କରିଥିବା ସଦସ୍ୟମାନେ ପ୍ରଥମ ନିର୍ଦ୍ଦେଶକ ମଣ୍ଡଳୀରେ ନାମିତ ହୋଇପାରିବେ ଓ ସାଧାରଣ ସଭା ବୈଠକ ଦ୍ୱାରା ଆନୁଷ୍ଠାନିକ ଭାବେ ନିର୍ଦ୍ଦେଶକ ନିର୍ବାଚିତ ହେବା ପର୍ଯ୍ୟନ୍ତ କୃଷକ ଉତ୍ପାଦକ କମ୍ପାନୀ (ଏଫ୍‌ପିସି)ର ସମସ୍ତ ମାମଲାର ପରିଚାଳନା କରିପାରିବେ । ପ୍ରତ୍ୟେକ ନିର୍ଦ୍ଦେଶକଙ୍କୁ ସାଧାରଣ ବୈଠକରେ ନ୍ୟୁନତମ ଗୋଟିଏ ବର୍ଷ ଓ ସର୍ବାଧିକ ୫ ବର୍ଷ ପାଇଁ ଚୟନ କରାଯାଇଥାଏ । ନିର୍ଦ୍ଦେଶକ ମଣ୍ଡଳୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଓ ନିର୍ଦ୍ଦେଶକଙ୍କୁ ଛାଡ଼ିଦେଲେ ବାକି ସମସ୍ତେ ରୋଟେସନ୍ ପ୍ରକ୍ରିୟା ଅନୁସାରେ ଅବସର ଗ୍ରହଣ କରିବେ ।

ନିର୍ଦ୍ଦେଶକ ମଣ୍ଡଳୀର ଭୂମିକା ଓ ଦାୟିତ୍ୱ :

ନିର୍ଦ୍ଦେଶକ ମଣ୍ଡଳୀ ନିକଟରେ ନିମ୍ନଲିଖିତ ମାମଲାଗୁଡ଼ିକ ସମ୍ପର୍କରେ ଏଫ୍‌ପିଓର ପ୍ରଦର୍ଶନକୁ ବ୍ୟବସ୍ଥିତ, ନିରୀକ୍ଷଣ ଓ ତଦାରଖ କରିବାର ଅଧିକାର ଓ ଦାୟିତ୍ୱ ରହିଛି ।

(କ) ସଦସ୍ୟଙ୍କୁ ଦିଆଯାଉଥିବା ଲାଭାଂଶର ପରିମାଣ ନିର୍ଦ୍ଧାରଣ ।

(ଖ) ଅଟକ ରଖାଯାଇଥିବା ମୂଲ୍ୟର ପରିମାଣ ନିର୍ଦ୍ଧାରଣ ଓ ସାଧାରଣ ସଭାରେ ଅନୁମୋଦିତ ହେବାକୁ ଥିବା ପୃଷ୍ଠପୋଷକତା ପାଇଁ ସୁପାରିଶ ।

(ଗ) ଏଫ୍‌ପିଓରେ ନୂତନ ସଦସ୍ୟଙ୍କ ପ୍ରବେଶ ।

(ଘ) ସଂଗଠନାତ୍ମକ ନୀତି, ଆଭିମୁଖ୍ୟକୁ ଅନୁସରଣ କରିବା ଓ ବ୍ୟବସ୍ଥିତ କରିବା ଦୀର୍ଘସ୍ଥାୟୀ ଓ ବାର୍ଷିକ ଆଭିମୁଖ୍ୟର ସ୍ଥାପନା ।

(ଙ) କମ୍ପାନୀର କର୍ପୋରେଟ୍ ରଣନୀତି ଓ ଆର୍ଥିକ ଯୋଜନାକୁ ଅନୁମୋଦନ କରିବା ।

(ଚ) ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଓ ଅନ୍ୟ ଅଧିକାରୀଙ୍କ ନିଯୁକ୍ତି ।

(ଛ) ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଏବଂ ଅନ୍ୟ ଅଧିକାରୀଙ୍କ ଉପରେ ତଦାରଖ, ନିର୍ଦ୍ଦେଶକ ଓ ନିୟନ୍ତ୍ରଣ ପ୍ରୟୋଗ କରିବା ।

(ଜ) କମ୍ପାନୀ ପାଣ୍ଠିର ବିନିଯୋଗ କରିବା ।

(ଝ) କମ୍ପାନୀର ସମ୍ପତ୍ତି ଅଧିଗ୍ରହଣ କିମ୍ବା ଏହାକୁ ଡିସ୍‌ପୋଜ କରିବା ।

(ଞ) ବହିଖାତା ମୁଖ୍ୟତଃ କମ୍ପାନୀର 'ଆକାଉଣ୍ଟ ଖାତା' ତଦାରଖ କରିବା ।

(ଟ) କମ୍ପାନୀର ବାର୍ଷିକ ସମୀକ୍ଷାକୁ ସୁନିଶ୍ଚିତ କରିବା ।

(ଠ) ସମୀକ୍ଷକଙ୍କ ରିପୋର୍ଟ ସହିତ ବାର୍ଷିକ ସାଧାରଣ ବୈଠକରେ ବାର୍ଷିକ ଆକାଉଣ୍ଟସ୍ ଉପସ୍ଥାପନା କରିବା ।

ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) :

ଏକ ଉତ୍ପାଦକ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) କମ୍ପାନୀର ଜଣେ ପୂର୍ଣ୍ଣକାଳୀନ କର୍ମଚାରୀ ହେବା ଉଚିତ । ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) କମ୍ପାନୀର ସଦସ୍ୟମାନଙ୍କ ବ୍ୟତୀତ ଅନ୍ୟ ବ୍ୟକ୍ତିମାନଙ୍କ ମଧ୍ୟରୁ ନିର୍ଦ୍ଦେଶକ ମଣ୍ଡଳୀ ଦ୍ୱାରା ନିଯୁକ୍ତ ହେବା ଉଚିତ । ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ବୋର୍ଡ଼ର ପୂର୍ବତନ ଅଫିସ୍ ନିର୍ଦ୍ଦେଶକ ହେବା ସହିତ ରୋଟେସନ୍ ନୀତିରେ ଅବସର ଗ୍ରହଣ କରିନଥିବା ଉଚିତ୍ ।

ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ନିଯୁକ୍ତି :

"୧୦,୦୦୦ ଏଫ୍‌ପିଓ ଗଠନ ଓ ପ୍ରସାର" ନିୟମାବଳୀ ପାଇଁ କେନ୍ଦ୍ରୀୟ କ୍ଷେତ୍ର ଯୋଜନା ଅନୁସାରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ)ଙ୍କ ଯୋଗ୍ୟତା ଗୁଡ଼ିକ ହେଉଛି–

(କ) କୃଷକ ଉତ୍ପାଦକ ସଂଗଠନର କାର୍ଯ୍ୟନିର୍ବାହୀ ସଂସ୍ଥା ଦ୍ୱାରା ନିଯୁକ୍ତ ହେବାକୁ ଥିବା ସିଇଓ / ପ୍ରବନ୍ଧକ, କୃଷି / କୃଷି ବିପଣନା / କୃଷି ବ୍ୟବସାୟ ପରିଚାଳନାରେ ଗ୍ରାଜୁଏଟ୍ କିମ୍ବା ବିବିଏ କିମ୍ବା ସମାନ ଯୋଗ୍ୟତା ପ୍ରାପ୍ତ ହେବା ଆବଶ୍ୟକ ।

(ଖ) ଯୁକ୍ତ ୨ ଯୋଗ୍ୟତା ସହିତ ସ୍ଥାନୀୟ ଅ*ଳରେ ଉପଲବ୍ଧ ଏବଂ କୃଷି / କୃଷି ବିପଣନା / କୃଷି ବ୍ୟବସାୟ ପରିଚାଳନା କିମ୍ବା ସମ୍ପର୍କିତ କ୍ଷେତ୍ରରେ ଡିପ୍ଲୋମା କରିଥିବା ବ୍ୟକ୍ତିଙ୍କୁ ଅଗ୍ରାଧିକାର ଦିଆଯିବ ।

ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ)ଙ୍କ ଭୂମିକା ଓ ଦାୟିତ୍ୱ :

ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) କମ୍ପାନୀର ନିତିଦିନିଆ କାର୍ଯ୍ୟର ପରିଚାଳନା ସହିତ ନିୟମିତ ଭାବେ ସମସ୍ତ ପ୍ରଶାସନିକ କାର୍ଯ୍ୟର ତଦାରଖ କରିବା ଉଚିତ୍ ।

(କ) ବ୍ୟାଙ୍କ ଖାତା ପରିଚାଳନା କରିବେ କିମ୍ବା କମ୍ପାନୀ ପକ୍ଷରୁ ଅନ୍ୟ କୌଣସି ଅଧିକାରୀଙ୍କୁ ଅଧିକୃତ କରିବେ (ଏହା ବୋର୍ଡ଼ର ସାଧାରଣ କିମ୍ବା ସ୍ୱତନ୍ତ୍ର ଅନୁମୋଦନ ଉପରେ ନିର୍ଭର କରୁଛି) ।

(ଖ) କମ୍ପାନୀର ନଗଦ ରାଶି ଏବଂ ଅନ୍ୟାନ୍ୟ ସମ୍ପତ୍ତିକୁ ସୁରକ୍ଷିତ ରଖିବା ପାଇଁ ଉପଯୁକ୍ତ ବ୍ୟବସ୍ଥା କରିବେ ।

(ଗ) ବୋର୍ଡ଼ ଦ୍ୱାରା ଅଧିକୃତ କରାଯାଇ ଥିବାରୁ, କମ୍ପାନୀ ତରଫରୁ ଓ କମ୍ପାନୀ ପାଇଁ ବ୍ୟବସାୟ ସମ୍ପର୍କିତ ସମସ୍ତ ଦସ୍ତାବିଜ୍ ଉପରେ ହସ୍ତାକ୍ଷର କରିବେ ।

(ଘ) ଆକାଉଣ୍ଟ ଖାତାଗୁଡ଼ିକ ଭଲଭାବରେ ଅପଡେଟ୍ କରିରଖିବା, ବାର୍ଷିକ ଆକାଉଣ୍ଟସ୍ ପ୍ରସ୍ତୁତ କରିବା, ସଦସ୍ୟମାନଙ୍କର ବାର୍ଷିକ ସାଧାରଣ ବୈଠକରେ ବୋର୍ଡ଼ ଆଗରେ ସମୀକ୍ଷା କରାଯାଇଥିବା ଆକାଉଣ୍ଟସ୍ ରିପୋର୍ଟ ଉପସ୍ଥାପନା କରିବା ।

(ଙ) ସଦସ୍ୟମାନଙ୍କୁ କମ୍ପାନୀର ସଂଚାଳନ ଓ କାର୍ଯ୍ୟ ସମ୍ପର୍କରେ ଅବଗତ କରାଇବା ପାଇଁ ସମୟ ସମୟରେ ଏ ସମ୍ପର୍କରେ ସୂଚନା ପ୍ରଦାନ କରିବା ।

(ଚ) କମ୍ପାନୀର ଆବଶ୍ୟକତା ଅନୁସାରେ ବିଭିନ୍ନ ପଦବୀ ପୁରଣ କରିବା ।

(ଛ) କମ୍ପାନୀର ଲକ୍ଷ୍ୟ, ଉଦ୍ଦେଶ୍ୟ, ରଣନୀତି, ଯୋଜନା ଏବଂ ନୀତି ଗଠନ କରିବାରେ ବୋର୍ଡ଼କୁ ସାହାଯ୍ୟ କରିବା ।

କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୋଳ

ବ୍ୟବସାୟ ଯୋଜନା :

ପ୍ରତ୍ୟେକ ଏଫ୍‌ପିଓ ପାଖରେ ଏକ ବ୍ୟବସାୟ ଯୋଜନା ରହିବା ଆବଶ୍ୟକ ।

ଏକ ବ୍ୟବସାୟ ଯୋଜନା ହେଉଛି ଏକ ଉଦ୍ୟୋଗର ଆନୁଷ୍ଠାନିକ ଦସ୍ତାବିଜ୍ ଯାହାକି ଏହାର ବିଦ୍ୟମାନ ବ୍ୟବସାୟ ସୁଯୋଗ, ବ୍ୟବସାୟର ଲକ୍ଷ୍ୟ ସେମାନଙ୍କ ପାଖରେ ଥିବା ଆବଶ୍ୟକ ଉତ୍ସ ବର୍ଣ୍ଣନା କରେ ଏବଂ ଏକ ନିର୍ଦ୍ଦିଷ୍ଟ ସମୟ ଅବଧିରେ ଉଦ୍ୟୋକ୍ତା ଏସ୍‌ଡବ୍ଲୁଓଟି (ଶକ୍ତି, ଦୁର୍ବଳତା, ସୁଯୋଗ୍ୟ ଅମଳ) ବିଶ୍ଳେଷଣ ଉପରେ ଆଧାର କରି ସେହି ଲକ୍ଷ୍ୟ ହାସଲ କରିବା ପାଇଁ ଏହା ମଧ୍ୟ ଉପଯୁକ୍ତ ପଦ୍ଧତି ଧାରଣ କରିଥାଏ ।

ସରଳ ଶବ୍ଦରେ କହିଲେ ଏହା ଏକ ଉଦ୍ୟୋଗ ପାଇଁ ମାର୍ଗଦର୍ଶିକା କିମ୍ବା ବ୍ୟବସାୟ ମାନଚିତ୍ର ଯାହାକି ଏଫ୍‌ପିଓକୁ ଏକ ବ୍ୟବସାୟକୁ ଆରମ୍ଭରୁ ଅନୁପାତିକ ଭାବେ ବୃଦ୍ଧି କରିବା କିମ୍ବା ଦକ୍ଷତାର ସହିତ କାର୍ଯ୍ୟ କରିବାରେ ସାହାଯ୍ୟ କରିଥାଏ ।

ବ୍ୟବସାୟ ଯୋଜନା କରିବାର ଉଦ୍ଦେଶ୍ୟ :

ଏକ ବ୍ୟବସାୟ ଯୋଜନା ନିମ୍ନଲିଖିତ ଉତ୍ପାଦକ ସଂଗଠନ ଓ ଏହାର ସଦସ୍ୟ, ବୋର୍ଡ଼ ଅଫ୍ ଡିରେକ୍ଟର୍ସ ଏବଂ ପରିଚାଳନା ଦଳକୁ ଲାଭ ମିଳିଥାଏ ।

୧ । ଏକ ବ୍ୟବସାୟ ଯୋଜନା ଥିଲେ କୃଷକ ଉତ୍ପାଦକ ସଂଗଠକୁ ବିଶେଷଜ୍ଞ ଏବଂ ବୃତ୍ତିଗତଙ୍କ ଠାରୁ ପରାମର୍ଶ ଏବଂ ପ୍ରସ୍ତାବ ଦେବା ଓ ବ୍ୟବସାୟ ଯୋଜନାରେ ସଂଶୋଧନ କରିବାକୁ ଅନୁମତି ମିଳେ । ଏହା ବୋର୍ଡ଼ ଅଫ୍ ଡିରେକ୍ଟର୍ସ ଓ ପରିଚାଳନା ଦଳକୁ ଭୁଲ ନ କରିବା ଏବଂ ପୂର୍ବରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସକ୍ଷମ କରିଥାଏ । ତ୍ରୁଟିପୂର୍ଣ୍ଣ ପଦ୍ଧତି ବିଷୟରେ ଚେତାବନୀ ଦେବା ଓ ଉତ୍ସଗୁଡ଼ିକର ଦକ୍ଷ ବଣ୍ଟନ ଏବଂ ବ୍ୟବହାର ପାଇଁ ଯୋଜନା କରିବାରେ ପରାମର୍ଶଗୁଡ଼ିକ ସାହାଯ୍ୟ କରେ ।

୨ । ଏକ ବ୍ୟବସାୟ ଯୋଜନା ଥିଲେ ଏକ କୃଷକ ଉତ୍ପାଦକ ସଂଗଠନ ସେହି ଯୋଜନାକୁ ତାହାର ସଦସ୍ୟମାନଙ୍କୁ ସ୍ପଷ୍ଟ ଭାବରେ ଯୋଗାଯୋଗ କରିପାରିବ ଏବଂ ସେମାନଙ୍କର ସନ୍ଦେହ ଓ ଭୟକୁ ଏକ ପ୍ରଭାବଶାଳୀ ଉପାୟରେ ସମାଧାନ କରିପାରିବ । ତେଣୁ ଏକ ବ୍ୟବସାୟ ଯୋଜନା ସହିତ ଏକ କୃଷକ ଉତ୍ପାଦକ ସଂଗଠନର ସଦସ୍ୟମାନେ ଜାଣିବେ, କୃଷକ ଉତ୍ପାଦନକ ସଂଗଠନର ବ୍ୟବସାୟ କେଉଁ ଦିଗରେ ଗତି କରୁଛି, ସେମାନେ ବ୍ୟବସାୟୀଙ୍କ

କାର୍ଯ୍ୟକଳାପ ପାଇଁ ଯୋଜନା ଜାଣିଛନ୍ତି ଯାହା ନିକଟ ଭବିଷ୍ୟତରେ ନିଆଯିବା ଆବଶ୍ୟକ, ସେମାନେ ବ୍ୟବସାୟର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ଜାଣନ୍ତି । କାର୍ଯ୍ୟକଳାପ ଏବଂ କୃଷକ ଉତ୍ପାଦକ ସଂଗଠନ ଦ୍ୱାରା ନିଆଯାଉଥିବା କାର୍ଯ୍ୟର କାରଣ ବିଷୟରେ ସେମାନେ ମଧ୍ୟ ସ୍ପଷ୍ଟ ଅଟନ୍ତି ।

୩। ବ୍ୟବସାୟ ଯୋଜନା ଠିକ୍ ସମୟରେ ବ୍ୟବସାୟିକ ନିଷ୍ପତ୍ତି ନେବା, ଆବଶ୍ୟକ ସମୟ ଅନୁଯାୟୀ ଉତ୍ସ ସଂଗ୍ରହ କରିବା ଏବଂ ଏକ ଆବଶ୍ୟକୀୟ ବ୍ୟବସ୍ଥା ପୂର୍ବରୁ ରଖିବା ପାଇଁ ଯୋଜନା କରିବାରେ ସାହାଯ୍ୟ କରିଥାଏ ।

କୃଷକ ଉତ୍ପାଦକ ସଂଗଠନ (ଏଫ୍‌ପିଓ)ର ଦୀର୍ଘସ୍ଥାୟିତ୍ୱ ପାଇଁ ମହତ୍ୱପୂର୍ଣ୍ଣ ଉପାଦାନ :

(କ) **ସଦସ୍ୟତାର ଆଧାର :** ଏଫ୍‌ପିଓ ଏହାର ପଞ୍ଜୀକରଣ ହେବାର ୨-୩ ବର୍ଷ ମଧ୍ୟରେ ୫୦୦ ସଦସ୍ୟ ପର୍ଯ୍ୟନ୍ତ ପହଞ୍ଚିବା ଉଚିତ୍ ।

(ଖ) **ଅଂଶଧନ ପୁଞ୍ଜିର ବ୍ୟବହାର :** ଏଫ୍‌ପିଓ ଏହାର ଅଂଶଧନ ରଖିଥିବା ପ୍ରତ୍ୟେକ ବ୍ୟକ୍ତିଙ୍କଠାରୁ ୧୦୦୦ରୁ ୨୦୦୦ ଟଙ୍କାର ଅଂଶଧନ ପୁଞ୍ଜି ସଂଗ୍ରହ ପାଇଁ ଲକ୍ଷ୍ୟ ରଖିବା ଉଚିତ୍ । ଯାହାଦ୍ୱାରା ତାଙ୍କ ନିକଟରେ ଏକ ଭଲ ପରିବାଣର ରାଶି ଜମା ହୋଇ ରହିପାରିବ, ଯାହା ଆଧାରରେ ଅନ୍ୟ ବ୍ୟାଙ୍କ୍ ଓ ଅନ୍ୟ ଅନୁଷ୍ଠାନିକ ବିତ୍ତୀୟ ସଂସ୍ଥାଠାରୁ ସମାନ ଅଂଶଧନ ପରିମାଣର ଅନୁଦାନ ଓ ଋଣ ଅଣାଯାଇପାରିବ । ପଞ୍ଜୀକୃତ ହେବାର ପ୍ରଥମ ବର୍ଷ ମଧ୍ୟରେ ୫,୦୦,୦୦୦ ଟଙ୍କାର ପୁଞ୍ଜି ରୂପେ ରଖିବାକୁ ଉଦ୍ୟମ କରିବା ଉଚିତ୍ ।

(ଗ) **ସଦସ୍ୟଙ୍କ ସହିତ ଯୋଗାଯୋଗ :** ଏଫ୍‌ପିଓ ଗ୍ରାମ୍ୟ ସ୍ତରରେ ଏଫ୍‌ଆଇଜି ସହିତ ସୁଦୃଢ଼ ସମ୍ପର୍କ ସ୍ଥାପନ କରିବା ଦିଗରେ ପଦକ୍ଷେପ ନେବା ଉଚିତ୍ ।

(ଘ) **ବିପଣନ ଯୋଜନା :** ଏଫ୍‌ପିଓ ନିକଟରେ ବିପଣନ ଯୋଗ୍ୟ ବଳକା ଶସ୍ୟ, କୃଷକମାନଙ୍କ ସଂଖ୍ୟା, ହାରାହାରି ଋଷଜମି, ଅମଳ ପରବର୍ତ୍ତୀ ଭିତ୍ତିଭୂମି ପରିଚାଳନା ଉପଲବ୍ଧତା, ସମ୍ଭାବ୍ୟ କ୍ରେତା, ଇନ୍‌ପୁଟ୍ ବ୍ୟବସ୍ଥା, ଋତୁକାଳୀନ ଉତ୍ପାଦନ ଓ ବିପଣନ ସମ୍ପର୍କିତ ବିପଦ ଓ ଆହ୍ୱାନ ସମ୍ପର୍କିତ ବାସ୍ତବିକ ତୃଣମୂଳସ୍ତରୀୟ ତଥ୍ୟ ରହିବା ଉଚିତ୍ ।

(ଙ) **କାର୍ଯ୍ୟାଳୟ ସ୍ଥାପନ :** କାର୍ଯ୍ୟକ୍ଷେତ୍ରର ଭୌଗଳିକ କ୍ଷେତ୍ରରେ ଏଫ୍‌ପିଓର ଏକ ନିଜସ୍ୱ କାର୍ଯ୍ୟାଳୟ ଓ ଏଥିରେ ଅତିକମ୍‌ରେ ପଦାଧିକାରୀ ଭାବେ ଯୋଗ୍ୟତାପ୍ରାପ୍ତ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଓ ଆକାଉଣ୍ଟାଟ୍ ରହିବା ନିହାତି ଆବଶ୍ୟକ । ଏହି କାର୍ଯ୍ୟାଳୟରେ କମ୍ପ୍ୟୁଟର ଓ ଇଣ୍ଟରନେଟ୍ ବ୍ୟବସ୍ଥା ଥିବା ଦରକାର ।

(ଚ) **କୃଷକ ଉତ୍ପାଦନ ସଂଗଠନରେ ମହିଳାମାନଙ୍କ ଯୋଗଦାନ :** ନିର୍ଦ୍ଦେଶକ ମଣ୍ଡଳୀରେ ଅତି କମ୍‌ରେ ୩ ଜଣ ମହିଳା ନିର୍ଦ୍ଦେଶକ ରହିବା ଆବଶ୍ୟକ ।

(ଛ) **ମାନକ ପରିଚାଳନା ପଦ୍ଧତି (ଏସ୍‌ଓପି)ର ବ୍ୟାଖ୍ୟା :** ବୋର୍ଡ଼ର ପରିଚାଳନା ପାଇଁ ଆବଶ୍ୟକ ଭୂମିକା ଓ ଦାୟିତ୍ୱ ପରିଭାଷିତ ହୋଇଥିବା ଏକ ଉତ୍ତମ ଭାବରେ ବର୍ଣ୍ଣିତ ଏସ୍‌ଓପି ପ୍ରସ୍ତୁତ କରାଯିବା ଆବଶ୍ୟକ ଏବଂ ବୋର୍ଡ଼ ସଦସ୍ୟଙ୍କୁ ଏହା ଉପରେ ପ୍ରଶିକ୍ଷିତ କରାଯିବା ଦରକାର । ଏଫ୍‌ପିଓଙ୍କ ନିକଟରେ ପ୍ରୋକ୍ୟୁରମେଣ୍ଟ ଏବଂ ବିପଣନ ପାଇଁ ମଧ୍ୟ ଏକ ଏସ୍‌ଓପି ରହିବା ଆବଶ୍ୟକ ।

(ଜ) **ନର୍ଦ୍ଦେଶକ ମଣ୍ଡଳୀ (ବିଓଡି)ଙ୍କ ମଧ୍ୟରେ ନିୟମିତ ଆଲୋଚନା :** ବିଓଡି ଅତିକମ୍‌ରେ ୩ ମାସରେ ଥରେ ବୈଠକ କରିବା ସହିତ ଏଫ୍‌ପିଓର ପ୍ରଦର୍ଶନ ଓ ପ୍ରତ୍ୟେକ ବୈଠକରେ ଆଗାମୀ ତ୍ରୈମାସିକ ପାଇଁ ଆଲୋଚନା କରିବା ଓ ଆଲୋଚନାର ପ୍ରତି ମିନିଟ୍‌ର ରେକର୍ଡ଼ ରଖିବା ଆବଶ୍ୟକ ।

(ଝ) **ନିୟମିତ ସମୀକ୍ଷା :** ଏମ୍‌ସିଏ ନିୟମାବଳୀର ଆବଶ୍ୟକତା ଅନୁସାରେ ଏଫ୍‌ପିଓର ଆକାଉଣ୍ଟ ଖାତା ସମୀକ୍ଷା କରାଯିବା ଉଚିତ୍ ।

(ଞ) **ଏକ ପ୍ରସ୍ତୁତ ବ୍ୟବସାୟିକ ଯୋଜନା :** ଏହାର କୃଷକ ସଦସ୍ୟମାନଙ୍କୁ ଅନ୍ତର୍ଭୁକ୍ତ କରି ଏଫ୍‌ପିଓରେ ଏକ କାର୍ଯ୍ୟକାରୀ ୧୮ ମାସିଆ (ସର୍ବନିମ୍ନ) ବ୍ୟବସାୟିକ ଯୋଜନା ରହିବା ଉଚିତ୍ ।

(ଟ) **ନର୍ଦ୍ଦେଶକ ମଣ୍ଡଳୀ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସକ୍ରିୟ ଯୋଗଦାନ :** ନିର୍ଦ୍ଦେଶକ ମଣ୍ଡଳୀ, ସିଇଓ ଏବଂ ଏଫ୍‌ଆଇଜି ନେତୃବର୍ଗ ସକ୍ରିୟତାର ସହିତ ପ୍ରୋକ୍ୟୁରମେଣ୍ଟ ଏବଂ ମାର୍କେଟିଂ ଯୋଜନା ଓ କାର୍ଯ୍ୟ ଉନ୍ନୟନ ଅଂଶ ଗ୍ରହଣ କରିବା ଉଚିତ୍ ।

(ଠ) **ସୁଦୃଢ଼ ଏମ୍‌ଆଇଏସ୍ :** ବ୍ୟବସାୟିକ ପ୍ରଦର୍ଶନର ରେକର୍ଡ଼ ରଖିବା ପାଇଁ ଏଫ୍‌ପିଓର ଏକ ମାନକ ଏମ୍‌ଆଇଏସ୍ ପ୍ରଣାଳୀ ରହିବା ଉଚିତ୍ ।

(ଡ) **ସଠିକ୍ ସମୟରେ ବ୍ୟବସାୟିକ କାର୍ଯ୍ୟାରମ୍ଭ :** ଏଫ୍‌ପିଓ ସ୍ଥାପନ ହେବାର ୨ ବର୍ଷ ମଧ୍ୟରେ ବ୍ୟବସାୟିକ ପ୍ରକ୍ରିୟା ଆରମ୍ଭ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବା ଉଚିତ୍ ।

(ଢ) **ଏକ ଆଦର୍ଶ ବ୍ୟବସାୟିକ କାରବାର ଲକ୍ଷ୍ୟ ହାସଲ :** ଏଫ୍‌ପିଓ ପଞ୍ଜୀକୃତ ହେବାର ୩ ବର୍ଷ ମଧ୍ୟରେ ଅତିକମ୍‌ରେ ବାର୍ଷିକ ୧ କୋଟି ଟଙ୍କାର କାରବାର କରିବା ଆବଶ୍ୟକ ।

(ଣ) **ଯୋଗାଣକାରୀ ଭାବେ ସଦସ୍ୟମାନଙ୍କୁ ରଖିବା :** ଅତିକମ୍‌ରେ ୩୦% କୃଷକ ସଦସ୍ୟ ଏଫ୍‌ପିଓକୁ ବିକ୍ରି କରିବା ପାଇଁ ନିଜର ଉତ୍ପାଦ ଯୋଗାଣ କରିବା ଉଚିତ୍ ।

(ତ) **କାରବାରର ଡିଜିଟାଇଜେସନ୍ :** ଏଫ୍‌ପିଓ ମୂଲ୍ୟ ଶୃଙ୍ଖଳର ଡିଜିଟାଇଜେସନ୍ ଏବଂ କୃଷକ ସଦସ୍ୟମାନଙ୍କୁ ଟଙ୍କା ପ୍ରଦାନ ସହିତ ବ୍ୟାଙ୍କ ପରିଶୋଧ ବ୍ୟବସ୍ଥା ମାଧ୍ୟମରେ କାରବାର କରିବା ଉଚିତ୍ ।

(ଥ) **ଆଭ୍ୟନ୍ତରୀଣ ପ୍ରଣାଳୀର ପ୍ରତିଷ୍ଠା :** ଏଫ୍‌ପିଓରେ ଏକ ଅଭିଯୋଗ ସମାଧାନ ପ୍ରଣାଳୀ, ମାନବ ସମ୍ବଳ ପାଇଁ ମାନକ ନୀତି, ଆକାଉଣ୍ଟସ୍ ଏବଂ ଫାଇନାନ୍ସ ରହିବା ଆବଶ୍ୟକ ।

(ଦ) **ସରକାରୀ ସହାୟତା ବିଷୟରେ ସଚେତନତା :** ନିଜର ସୀମା ବଢ଼ାଇବା ଓ କାର୍ଯ୍ୟକ୍ରମକୁ ସମ୍ମିଳିତ କରିବା ଦିଗରେ କାର୍ଯ୍ୟ କରିବା ଉଚିତ୍ ।

ଏଫ୍‌ପିଓ ମାନଙ୍କ ନିମନ୍ତେ କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୋଳର ଦୃଷ୍ଟାନ୍ତ ମୂଳକ ପଦକ୍ଷେପ :

ବର୍ତ୍ତମାନ ସମୟରେ ଜିଲ୍ଲାର ଏଫ୍‌ପିଓ ଗୁଡ଼ିକ ବିଭିନ୍ନ ପ୍ରକାରର କୃଷି ଉତ୍ପାଦକୁ ନେଇ ବ୍ୟବସାୟ କରୁଛନ୍ତି । କିଛି ଗୋଟିଏ ଉତ୍ପାଦିତ କିଛି ଅନେକ ଉତ୍ପାଦକୁ ନେଇ ବ୍ୟବସାୟ କରୁଛନ୍ତି । ଏହିଭଳି ଭାବେ ଏଫ୍‌ପିଓ ଗୁଡ଼ିକ ମଧ୍ୟରେ କୌଣସି ଅଭିନ୍ନତା ଦେଖାଯାଉନାହିଁ । ଏହି ସମ୍ବନ୍ଧୀୟ ବିଭିନ୍ନ ପ୍ରକାରର ଏଫ୍‌ପିଓ ଗୁଡ଼ିକର କାର୍ଯ୍ୟଦକ୍ଷତା ସମ୍ବନ୍ଧୀୟ କ୍ଷେତ୍ର ପରୀକ୍ଷଣ କରାଯାଇଥିଲା । ଏଥିରେ ଯେଉଁ ଏଫ୍‌ପିଓ ଗୁଡ଼ିକ ବହୁତ ଗୁଡ଼ିଏ କୃଷି ଉତ୍ପାଦ ଯଥା– ଧାନ, ଡାଲିଜାତୀୟ, ଫଳ, କନ୍ଦମୂଳ, ମାଣ୍ଡିଆ, ପନିପରିବା ଇତ୍ୟାଦି

ବ୍ୟବସାୟ କରିବା ସହିତ ସାର ଓ ବିହନ ବ୍ୟବସ୍ଥା ମଧ୍ୟ ଯୋଗାଉଛନ୍ତି ସେହି ଗୁଡ଼ିକ ଅପେକ୍ଷାକୃତ ଭାବେ ଲାଭବାନ୍ ହୋଇପାରିଛନ୍ତି ।

ଗୋଟିଏ ଏଫ୍‌ପିଓ ମୁଖ୍ୟତଃ ଭାବେ ୫ ପ୍ରକାରର ସେବା ଯୋଗାଇ ଦେଇଥାଏ ଯଥା–

(୧) ଇନ୍‌ପୁଟ୍ ସେବା

(୨) ଆର୍ଥିକ ସେବା

(୩) ବୈଷୟିକ ସେବା

(୪) ବଜାର ବ୍ୟବସ୍ଥା

(୫) ପ୍ରକ୍ରିୟାକରଣ ଏବଂ ମୂଲ୍ୟବୋଧ ବୃଦ୍ଧି ଭିତ୍ତିକ ସେବା ।

- ଇନ୍‌ପୁଟ୍ ସେବା ମଧ୍ୟରେ ମୁଖ୍ୟତଃ ମଞ୍ଜି ବ୍ୟବସ୍ଥା ଚାଷୀମାନଙ୍କୁ ମିଳି ପାରୁଛି ।
- ଆର୍ଥିକ ସେବାଗୁଡ଼ିକ ମଧ୍ୟରେ ଚାଷୀଙ୍କୁ ଋଣ ସୁବିଧା ଭଲ ଭାବେ ମିଳିପାରୁଛି ।
- ବୈଷୟିକ ସେବା ଗୁଡ଼ିକ ମଧ୍ୟରେ ବିଭିନ୍ନ ଚାଷ ଏବଂ ଭଲ କିସମ ସମ୍ବନ୍ଧୀୟ ସୂଚନା ସହଜରେ ମିଳିପାରୁଛି ।
- ବଜାର ବ୍ୟବସ୍ଥା ମଧ୍ୟରେ ଚାଷୀମାନଙ୍କର ସମସ୍ତ ଉତ୍ପାଦ ଏକାଠି ବିକ୍ରି କରାଯାଇପାରୁଛି ।
- ପ୍ରକ୍ରିୟାକରଣ ସୁବିଧାଗୁଡ଼ିକ ମଧ୍ୟରେ ସହଜଭାବରେ ଚାଷୀଙ୍କ ଉତ୍ପାଦ ସଂଗ୍ରହ କରାଯାଇ ପ୍ରାଥମିକ ପ୍ରକ୍ରିୟାକରଣ ସହଜରେ କରାଯାଇପାରୁଛି ।

ଏଫ୍‌ପିଓର ସଦସ୍ୟମାନେ ଅନୁଭବ କରୁଥିବା ବିଭିନ୍ନ ଅସୁବିଧା :

- ଚାଷୀମାନଙ୍କ ମଧ୍ୟରେ ବ୍ୟବସାୟିକ ବୁଦ୍ଧିର ଅଭାବ ।
- ବଣ୍ଟନର ମାଧ୍ୟମରେ ରହିଥିବା ଅନେକ ଅସୁବିଧା ।
- ଚାଷୀମାନଙ୍କର କମ୍ ଶିକ୍ଷାଗତ ଯୋଗ୍ୟତା
- କୃଷିଭିତ୍ତିକ ବାଜର ଦରର ମାନଦଣ୍ଡ ସମ୍ବନ୍ଧରେ ଅଜ୍ଞାନତା
- ଏଫ୍‌ପିଓ ଗଠନାବଳୀ ସମ୍ବନ୍ଧୀୟ
- ବୈଷୟିକ ଜ୍ଞାନ କୌଶଳର ଅଭାବ
- ଉତ୍ତମ ନେତୃତ୍ୱର ଅଭାବ

ଏଫ୍‌ପିଓ ପଞ୍ଜୀକରଣ ପାଇଁ ବ୍ୟବହୃତ ହେଉଥିବା ବିଭିନ୍ନ କାଗଜପତ୍ର :

୧। ପାସ୍‌ପୋର୍ଟ ଫଟୋ ସଦସ୍ୟଙ୍କର
୨। ସଦସ୍ୟଙ୍କର ପ୍ୟାନ୍ (PAN) କାର୍ଡ଼
୩। ସଦସ୍ୟଙ୍କର ଆଧାର (AADHAR) କାର୍ଡ଼
୪। ବ୍ୟାଙ୍କ୍ ଷ୍ଟେଟ୍‌ମେଣ୍ଟ (ଦୁଇମାସ ଭିତରର)
୫। ବ୍ୟବସାୟ କରିବା ପାଇଁ ପଞ୍ଜୀକରଣ ହୋଇଥିବା ଜାଗାର ପ୍ରମାଣ (Utility Bill)।
୬। (NOC) - ଜାଗା ମାଲିକଠାରୁ ଅନାପତ୍ତି ପ୍ରମାଣପତ୍ର ।

ପଞ୍ଜୀକରଣ ପରେ କୃଷକ ଉତ୍ପାଦକ ସଂଘକୁ ମିଳୁଥିବା କାଗଜପତ୍ର :

୧। Certificate of incorporation - (ପଞ୍ଜୀକରଣ ଚିଠି)
୨। କମ୍ପାନୀର PAN (ପ୍ୟାନ୍ କାର୍ଡ଼)
୩। କମ୍ପାନୀର TAN (ଟ୍ୟାନ୍ ନଂ.)
୪। Articles of Association (ସମ୍ମେଳନ ସମ୍ବନ୍ଧ)
୫। Director Identification Number (DIN) (ନିର୍ଦ୍ଦେଶକ ପରିଚୟ ନମ୍ବର)
୬। Memorandum of Association (MoA) (ସଂସ୍ଥାପନ ଚୁକ୍ତିପତ୍ର)
୭। Digital Signature Certificate (DSC) (ଡିଜିଟାଲ୍ ଦସ୍ତଖତ ସାର୍ଟିଫିକେଟ୍)
୮। EPF ଏବଂ ESI ପଞ୍ଜୀକରଣ ପ୍ରମାଣ ପତ୍ର
୯। କମ୍ପାନୀର ସମସ୍ତ ଡାଟା (Master Data)

***